ମଧ୍ୟ ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ଆଣ୍ଟିବାୟୋଟିକ୍ ଯଥା ସିପ୍ରୋଫ୍ଲକ୍ସାସିନ୍, ଏନ୍‌ରୋଫ୍ଲକ୍ସାସିନ୍, ଆମୋକ୍ସିସିଲିନ୍ ଏବଂ ମଲ୍‌ଟି ଭିଟାମିନ୍ ଆଦି ଦ୍ୱାରା ଚିକିତ୍ସା କଲେ ସଂକ୍ରମିତ ଛେଳିଙ୍କ ମୃତ୍ୟୁହାର କମିଯାଇଥାଏ ।



**ଛେଳି ବସନ୍ତ :** ସମସ୍ତ ବୟସର ଛେଳିଙ୍କୁ ଏହି ରୋଗ ହୋଇଥାଏ । ଏହି ରୋଗରେ ଜ୍ୱର ହୁଏ, ଆଖିରୁ ପାଣି ପଡେ, ଚମ, ଶ୍ୱାସନଳୀ ଓ ଖାଦ୍ୟନଳୀରେ ଫୋଟକା ହୋଇଥାଏ ।

ଭୂତାଣୁ ଜନିତ ରୋଗର ଚିକିତ୍ସା ନାହିଁ ମାତ୍ର ନାକ, ଆଖି ଆଦି ସ୍ଥାନର ଘା'କୁ ପଟାସ ପରମାଙ୍ଗାନେଟ୍ ପାଣି (୧ : ୧୦,୦୦୦)ରେ ପରିଷ୍କାର କରିବା ଉଚିତ୍ । ଛେଳି କିଛି ଖାଉନଥିଲେ ୧୦% ଗ୍ଲୁକୋଜ୍ ସାଲାଇନ୍ ଦିଆଯିବା ଉଚିତ୍ ।

### ପରଜୀବୀ ରୋଗ

**ଅନ୍ତଃ କୃମି :** ଗୋଲ କୃମି, ଫିତା କୃମି, ପତ୍ର କୃମି, ରକ୍ତଶୋଷଣକାରୀ କୃମିମାନ ଶରୀରରେ ରହି ଖାଦ୍ୟ ହଜମରେ ବାଧା ସୃଷ୍ଟି କରନ୍ତି ଓ ଶରୀରରୁ ରକ୍ତ ଶୋଷଣ କରନ୍ତି । ଏମାନଙ୍କ ଯୋଗୁଁ ଛେଳି ଭଲ ବଢେ ନାହିଁ । ଏଣୁ ବର୍ଷକୁ ତିନିରୁ ଚାରିଥର କୃମିନାଶକ ଔଷଧ ଦେଇ ଛେଳିମାନଙ୍କୁ ଅନ୍ତଃକୃମିରୁ ରକ୍ଷା କରାଯାଇପାରିବ । ପ୍ରତିଷେଧକ ପଦ୍ଧତି ଅନୁଯାୟୀ (୧)ଦୁଇ ମାସର ଛେଳିଛୁଆଙ୍କୁ କେଞ୍ଚୁଆ ମାରିବା ଔଷଧ ଦେବା ଉଚିତ୍ । (୨) ଚାରି ମାସର ହୋଇଗେଲ ପତ୍ରକୃମି, ପାକସ୍ଥଳୀ, କ୍ଷୁଦ୍ର ଓ ବୃହତନ୍ତ୍ର କୃମି ଔଷଧ ଦିଆଯିବ । (୩) ବର୍ଷାଦିନ ଶେଷରେ ଗୋଠରେ ଥିବା ସମସ୍ତ ଛେଳିଙ୍କୁ କୃମିନାଶକ ଔଷଧ ଦେଇଦେବା ଉଚିତ୍ । (୪) ଶୀତଋତୁ ଶେଷରେ ପୁଣିଥରେ ଔଷଧ ଦିଆଯାଇଥାଏ ।



ଗୋଲ କୃମି



ଫିତା କୃମି



ପତ୍ର କୃମି

**ବାହ୍ୟ କୃମି :** ଟିଙ୍କ ଓ ଉକୁଣୀ ଦେହରେ ଲାଗିରହି ରକ୍ତ ପିଅନ୍ତି ଓ ରକ୍ତହୀନତା ରୋଗ କରିଥାନ୍ତି । ଏହି ରୋଗରୁ ରକ୍ଷା ପାଇବା ପାଇଁ ଚଟାଣ, କାନ୍ଥ ଓ ଛେଳି ଦେହକୁ କୀଟନାଶକ ଦ୍ରବଣ ସିଞ୍ଚନ କରାଯାଏ । ସିଞ୍ଚନ କଲାବେଳେ ଔଷଧ ଯେପରି ନାକ, ଆଖି ଓ ପାଟିରେ ନପଡିବ ତା ପାଇଁ ସାବଧାନ ହେବା ଉଚିତ୍ । ସିଞ୍ଚନ ପରେ ଛେଳିକୁ ଏକ ଘଣ୍ଟା ଛାଇରେ ରଖିବା ପରେ ଭଲଭାବରେ ଧୋଇଦେବା ଉଚିତ୍ ।

### ଅର୍ଥନୀତି

ଆମ ରାଜ୍ୟର ଜଳବାୟୁ, ପରିବେଶ ଓ ଛେଳି ମାଂସର ଚାହିଦାକୁ ବିଶ୍ଳେଷଣ କଲେ ବ୍ୟବସାୟିକ ଭିତ୍ତିରେ ଛେଳିପାଳନର ଭିତ୍ତିଭୂମି ଅତି ଉନ୍ନତ । ଉତ୍ତମ ଚାରଣ ଭୂମି ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଥିଲେ ଗୋଟିଏ ଛେଳିରୁ ଟ.୧୨୦୦-୧୪୦୦ ଲାଭ ମିଳିଥାଏ କିମ୍ବା ମାସକୁ ଗୋଟିଏ ଛେଳିରୁ ହାରାହାରି ୧୦୦ ଟଙ୍କା ଲାଭ ମିଳିଥାଏ । ଏଣୁ ଆମ ରାଜ୍ୟରେ ଆତ୍ମ ନିଯୁକ୍ତି ପାଇଁ ଗ୍ରାମାଞ୍ଚଳରେ ଛେଳି ପାଳନ ଏକ ନିର୍ଭର ଯୋଗ୍ୟ ପଦକ୍ଷେପ ।




ଅଧିକ ବିବରଣୀ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ସହିତ ଯୋଗାଯୋଗ କରନ୍ତୁ ।

# ଭୂମିହୀନଙ୍କ ଜୀବିକାରେ ଉନ୍ନତି ପାଇଁ ଛେଳି ପାଳନ



ତଥ୍ୟ
ଡା. ମୋନାଲିସା ବେହେରା
ବୈଜ୍ଞାନିକ(ପ୍ରାଣୀ ବିଜ୍ଞାନ)

ମୁଖ୍ୟ ସଂପାଦିକା
ଡଃ. ବିନୀତା ଶତପଥୀ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର
ଅନୁଗୋଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ଗୋପାଳନ ଭଳି ଛେଳିପାଳନ ଏକ ବିଶ୍ୱବ୍ୟାପି ମୁଖ୍ୟ ପ୍ରାଣୀପାଳନ କାର୍ଯ୍ୟକ୍ରମ । ଛେଳି ସବୁପ୍ରକାର ଜଳବାୟୁ ଓ ପରିବେଶ ମଧ୍ୟରେ ରହିପାରେ ଏବଂ ଡ଼ାଳପତ୍ର, ବାଡିବଗିଚାର ଅନାବନା ଉଦ୍ଭିଦ, ରୋଷେଇଶାଳାର ବର୍ଜ୍ୟ ପନିପରିବା ଖାଇ ଜୀବନ ଧାରଣ କରି ପାଳକର ଅର୍ଥନୈତିକ ଦିଗରେ ଉନ୍ନତି ଆଣିଥାଏ । ଏତଦ୍ ବ୍ୟତୀତ ଆମ ରାଜ୍ୟରେ ପାଣିପାଗର ଅନିୟମିତତା ହେତୁ ଚାଷ ଉପରେ ନିର୍ଭର କରି ଚଳିବା କଷ୍ଟସାଧ୍ୟ । ଏଣୁ ଭୂମିହୀନ ବା ସ୍ୱଳ୍ପ ଜମି ଥିବା ଚାଷୀ ଛେଳିପାଳନ କରି ନିଜର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିବ । କୁକୁଡ଼ା ତୁଳନାରେ ଛେଳି ମାଂସର ଚାହିଦା ବର୍ଷତମାମ ରହିଥିବାରୁ ଏହା ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇପାରିବ ।

## ଛେଳିର କିସମ

ଆମ ଦେଶରେ ୨୦ କିସମର ଛେଳି ଦେଖାଯାନ୍ତି । ମାତ୍ର ଆମ ରାଜ୍ୟ ଓଡ଼ିଶାରେ ମୁଖ୍ୟତଃ ଦୁଇ କିସମର ଛେଳି ଦେଖାଯାନ୍ତି । ଯଥା- ବ୍ଲାକ୍ ବେଙ୍ଗଲ୍ ଓ ଗଞ୍ଜାମ । ଏମାନେ ମାଂସ ନିମନ୍ତେ ପ୍ରସିଦ୍ଧ । ବ୍ଲାକ୍ ବେଙ୍ଗଲ ବୟସ୍କ ଛେଳିର ଓଜନ ହାରାହାରି ୧୫-୧୬ କି.ଗ୍ରା. । ମାଈ ଛେଳି ଥରକେ ୨ରୁ ୩ଟି ଛୁଆ ପ୍ରସବ କରିଥାଏ । ଗଞ୍ଜାମ ଛେଳିର ଶିଙ୍ଗ ଲମ୍ବା ଓ ପଛ ଆଡକୁ ସମାନ୍ତରାଳ ଭାବେ ଉପରକୁ ଉଠିଥାଏ । ବୟସ୍କ ଛେଳିର ଓଜନ ୧୮ରୁ ୨୨ କି.ଗ୍ରା. ହୋଇଥାଏ । ମାଈ ଛେଳି ଥରକେ ଗୋଟିଏ ଛୁଆ ଜନ୍ମ କରିଥାଏ ।



ବ୍ଲାକ୍ ବେଙ୍ଗଲ୍



ଗଞ୍ଜାମ

## ଛେଳିର ବାସଗୃହ



ଆମ ଜଳବାୟୁରେ ବାସଗୃହର ଲମ୍ବ ପୂର୍ବ-ପଶ୍ଚିମ ଦିଗ ହେବା ଉଚିତ୍ । ବୟସ୍କ ମାଈ ଛେଳି ପିଛା ୧୨ ବର୍ଗ ଫୁଟ, ବୋଦା ପିଛା ୩୦ ବର୍ଗଫୁଟ ଓ ଛୋଟ ଛୁଆମାନଙ୍କ ପାଇଁ ୬ ବର୍ଗଫୁଟ ଚଟାଣ ଯାଗା ଆବଶ୍ୟକ ହୋଇଥାଏ । ଘରେ ଚଟାଣ ଉପରେ ଦୁଇଫୁଟ୍ ଉଚ୍ଚରେ ବାଉଁଶ ଭାଡି ତିଆରି କରି ଛେଳିମାନଙ୍କୁ ଶୃଙ୍ଖଳାରେ ରଖିବା ଉଚିତ୍ । ଘରର ଛାତ ଆଜ୍‌ବେଷ୍ଟସ୍ କିମ୍ବା ଟିଣ ଅପେକ୍ଷା ଚାଳ ଛପର କରିଲେ ଖର୍ଚ୍ଚ କମ୍ ହୋଇଥାଏ ।

## ଛେଳିର ଖାଦ୍ୟ

ବର, ଅଶ୍ୱତଥ୍, ସୁବାବୁଲ, ମହାନିମ୍ବ, ପିପଳି, ଆମ୍ବ, ପଣସ, ବରକୋଳି ଇତ୍ୟାଦି ଗଛର ପତ୍ର ଛେଳି ପାଇଁ ଉପଯୁକ୍ତ ତନ୍ତୁ ଜାତୀୟ ଖାଦ୍ୟ ଅଟେ । ଅଧିକା ଛେଳି ରଖିଲେ ବର୍ଷାଦିନେ ବରଗୁଡି, ମକା, ନାପିଅର ଓ ଶୀତଦିନେ ବରସିମ୍ ଘାସ ଚାଷ କରି ଛେଳିକୁ ଦେଇପାରିବେ । ଘାସ ଓ ଡାଳପତ୍ର ଅଭାବ ସମୟରେ ଗର୍ଭିଣୀ ଛେଳିକୁ ଦାନା ଦେବା ଆବଶ୍ୟକତା ପଡିଥାଏ ।

### ସୁଷମ ଦାନା ପ୍ରସ୍ତୁତି ପ୍ରଣାଳୀ

| ଉପାଦାନ | ପରିମାଣ |
|---|---|
| ମକାଗୁଣ୍ଡ | - ୫୦ ଭାଗ |
| ଗହମ ଚୋକଡ | - ୩୦ ଭାଗ |
| ବାଦାମ ପିଡ଼ିଆ | - ୧୦ ଭାଗ |
| ଗୁଡ | - ୭ ଭାଗ |
| ଖଣିଜସାର | - ୨ ଭାଗ |
| ଲବଣ | - ୧ ଭାଗ |
| ମୋଟ | - ୧୦୦ ଭାଗ |



## ଛେଳିମାନଙ୍କର ଦୈନିକ ଖାଦ୍ୟ ତାଲିକା

| ବୟସ | ହାରାହାରି ଶାରୀରିକ ଓଜନ (କି.ଗ୍ରା.) | ମା' କ୍ଷୀର (ମି.ଲି.) | ଦାନା (ଗ୍ରାମ୍) | ସବୁଜ ଘାସ (ଗ୍ରାମ୍) |
|---|---|---|---|---|
| ୦-୫ଦିନ | ୧-୨ | ଯଥେଷ୍ଟ ପରିମାଣରେ | - | - |
| ୬-୩୦ଦିନ | ୨-୩ | ୩୦୦-୫୦୦ | ସ୍ୱଳ୍ପ | ସ୍ୱଳ୍ପ |
| ୧-୨ ମାସ | ୩-୫ | ୪୦୦-୫୦୦ | ୫୦-୧୦୦ | ସ୍ୱଳ୍ପ |
| ୨-୩ ମାସ | ୫-୭.୫ | ୩୫୦-୫୦୦ | ୧୦୦-୧୫୦ | ୨୫୦ |
| ୩-୪ ମାସ | ୭.୫-୧୦ | - | ୨୦୦-୨୫୦ | ୫୦୦ |
| ୫-୬ ମାସ | ୧୦-୧୫ | - | ୨୫୦-୩୦୦ | ୭୫୦ |
| ୬-୯ ମାସ | ୧୫-୨୦ | - | ୩୦୦-୪୦୦ | ୧-୨କି.ଗ୍ରା. |
| ବୟସ୍କ | ୨୦-୩୦ | - | ୨୦୦-୩୦୦ | ୨-୩କି.ଗ୍ରା. |
| ଗର୍ଭିଣୀ | ୨୫-୩୨ | - | ୨୦୦-୩୦୦ | ୨-୩କି.ଗ୍ରା. |

## ଛେଳିମାନଙ୍କ ରୋଗ

ଛେଳିମାନଙ୍କୁ ବୀଜାଣୁ, ଭୂତାଣୁ ଓ ପରଜୀବୀମାନଙ୍କ ଦ୍ୱାରା ବିଭିନ୍ନ ରୋଗ ହୋଇଥାଏ । ନିମ୍ନରେ ଛେଳିମାନଙ୍କର ମୁଖ୍ୟ ରୋଗମାନଙ୍କର ବିବରଣୀ ଦିଆଯାଉଛି ।

### ବୀଜାଣୁ ଜନିତ ରୋଗ

**ଏଣ୍ଟେରୋଟକ୍ସେମିଆ :** ଏହି ରୋଗ କ୍ଲୋଷ୍ଟ୍ରିଡିୟମ୍ ୱେଲ୍‌ଚି ନାମକ ଜୀବାଣୁ ସଂକ୍ରମିତ ଖାଦ୍ୟ ଓ ଜଳ ଦ୍ୱାରା ହୋଇଥାଏ । ଏହି ରୋଗ ଛେଳିଛୁଆମାନଙ୍କୁ ବେଶି ଆକ୍ରାନ୍ତ କରିଥାଏ । ଏହା ଦ୍ୱାରା କଳା ଓ ବାଦାମୀ ରଙ୍ଗର ଝାଡା ହୋଇଥାଏ । ପେଟ କାଟିବା ଯୋଗୁଁ ଛେଳି ଛଟପଟ ହୋଇ ମରିଯାଏ । ମୁଖ୍ୟତଃ ବର୍ଷା ଋତୁରେ ଏହି ରୋଗ ଦେଖାଯାଏ । ତେଣୁ ବର୍ଷାଋତୁରେ ଛେଳିମାନଙ୍କୁ ଏଣ୍ଟେରୋଟକ୍ସେମିଆ ରୋଗର ପ୍ରତିଷେଧକ ଟୀକା ଦେବା ଉଚିତ୍ ।



**ଶାହାଣ :** ଏହି ରୋଗରେ ଛେଳିମାନଙ୍କୁ ଜ୍ୱର ଓ କାଶ ହୋଇଥାଏ । ଗଳା ଫୁଲିଯାଏ, ପାଟିରୁ ଲାଳ ବାହାରେ ଏବଂ ଆକ୍ରାନ୍ତ ଛେଳି ମରିଯାଏ । ଚିକିତ୍ସା ଦ୍ୱାରା ବିଶେଷ ଲାଭ ହୁଏ ନାହିଁ । ତେଣୁ ବର୍ଷାଋତୁ ପୂର୍ବରୁ ସମସ୍ତ ଛେଳିମାନଙ୍କୁ ଶାହାଣ ରୋଗର ପ୍ରତିଷେଧକ ଟୀକା ଦେବା ଉଚିତ୍ ।

### ଭୂତାଣୁ ଜନିତ ରୋଗ



**ପି.ପି.ଆର୍. :** ଏହି ରୋଗ ସବୁ ବୟସର ଛେଳିଙ୍କୁ ଆକ୍ରାନ୍ତ କରିଥାଏ । ଏହି ରୋଗ ସୃଷ୍ଟି କରି ଭୂତାଣୁ ଛେଳିର ନାକ ଓ ଆଖିରୁ ଝରୁଥିବା ପାଣି, ମଳ ଓ ମୂତ୍ର ଆଦିରେ ପ୍ରଚୁର ମାତ୍ରାରେ ଥାଏ । କାଶ ଓ ଜ୍ୱର ହୋଇ ମୁହଁ ଭିତରେ ଘା ହୋଇଥାଏ । ପତଳା ଝାଡା ମଧ୍ୟ ହୋଇଥାଏ । ରୋଗାକ୍ରାନ୍ତ ହେବାର ୭ ଦିନ ମଧ୍ୟରେ ଛେଳି ମୃତ୍ୟୁବରଣ କରିଥାଏ । ଏହି ରୋଗ ନ ହେବା ପାଇଁ ପ୍ରତିଷେଧକ ଟୀକା ଛେଳିମାନଙ୍କୁ ୩ ମାସ ମଧ୍ୟରେ ଦେବା ଉଚିତ୍ । ଥରେ ଟୀକା ପ୍ରଦାନ କଲେ ଏହା ୩ ବର୍ଷ ପର୍ଯ୍ୟନ୍ତ ରୋଗ ପ୍ରତିରୋଧ କରେ । ଭୂତାଣୁ ପାଇଁ ଔଷଧ ନଥିଲେ